# Akashvani, Sambalpur

# SAMBALPURI NEWS BULLETIN

## 20 November 2024- 6.47- 6.52 am.

**********************************************

ରାଜସ୍ୱ ମନ୍ତ୍ରୀ-ଧାନ୍ ଘିନା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏଜ୍‌ଠାନୁ ଖରିଫ୍ ଧାନ୍ ଘିନା ପ୍ରକ୍ରିୟା ମୁଲ୍ ହେଉଛେ । ଆଏଜ୍ ପହେଲା ବର୍‌ଗଡ୍ ଜିଲ୍ଲା ନ ଧାନ୍ ଘିନା ମୁଲ୍ ହେବା । ଆଏବା କାଏଲ୍ ସମ୍ବଲ୍‌ପୁର୍ ନ ଧାନ୍ ଘିନା ମୁଲ୍ ହେବା ବଲି ସୂଚ୍‌ନା ମିଲିଛେ । ଧାନ୍ ଘିନା ମୁଲ୍‌ନୁ ବିକ୍ରି ଶେଷ୍‌ତକ୍ ମଣ୍ଡିଥି ବିଭାଗୀୟ ଅଧିକାରୀ ଉପସ୍ଥିତ୍ ରହେବେ । କଟ୍‌ନୀଛଟ୍‌ନୀ ସହେତେ ଚାଷୀମାନ୍‌କୁ ଧାନ୍‌ର ଠିକ୍ ଦାମ୍ ଯେନ୍ତା ମିଲ୍‌ବା ଅଧିକାରୀମାନେ ତାର୍ ତଦାରଖ୍ କର୍‌ବେ । ୪ ନୁ ୫ ଟା ମଣ୍ଡିକେ ନେଇକରି ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛେ । ରାଜ୍ୟ ସର୍‌କାର୍ ଧାନ୍‌ର ସର୍ବନିମ୍ନ ସହାୟକ ଦାମ୍ ୩୧ ଶହ ଟଙ୍କା କରିଛନ୍ । ଚାଷୀମାନ୍‌କୁ ସବ୍‌ସିଡି ଦେବାର୍ ଉପ୍‌ରେ ଜୋର୍ ଦିଆଯିବା ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ- ସିଙ୍ଗାପୁର୍-ଶିଳ୍ପପତି ରୋଡ୍‌ସୋ

ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ସିଙ୍ଗାପୁର୍ ନ ଗୁଟେ ଇନ୍‌ଭେଷ୍ଟର୍ ରୋଡ୍ ସୋ କରିଛନ୍ । ଇଥି ୩ ଶହନୁ ଅଏତ୍‌କା ଶିଳ୍ପପତି ପ୍ରବାସୀ ଓଡ଼ିଆ ଆଉ ବିଶିଷ୍ଟ ବ୍ୟକ୍ତିବିଶେଷ୍‌ମାନେ ସାମିଲ୍ ଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଓଡ଼ିଶା ନ ପୁଞ୍ଜିନିବେଶ୍ କର୍‌ବାର୍‌କେ ସବୁ ସୁବିଧା ଅଛେ । ବିଶ୍ୱସ୍ତରୀୟ ଭିତିଭୂମିନୁ ନେଇକରି ବହୁତ୍ ପରିମାଣ୍‌ର ପ୍ରାକୃତିକ ସମ୍ବଳ ଆଉ ମାନବ ସମ୍ବଳ ରହିଛେ । ଓଡ଼ିଶା ପାଖେ ଦେଶ ଅଭିବୃଦ୍ଧିର ନେତୃତ୍ୱ ନେବାର୍ ସାମର୍ଥ୍ୟ ରହିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଓଡ଼ିଶା ନ ପୁଞ୍ଜିନିବେଶ୍ କର୍‌ବାର୍‌କେ ଭିନ୍ ଭିନ୍ ଶିଳ୍ପ ପ୍ରତିନିଧି ମାନ୍‌କୁ ଆକୃଷ୍ଟ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଗଲା ୩ ଦିନ୍ ହେଲା ସିଙ୍ଗାପୁର୍ ଗସ୍ତଥି ଯାଇଛନ୍ ।

ବାଲିଯାତ୍ରା ଆର୍‌ଏନ୍‌ୟୁ / ସମ୍ବଲପୁର

ଐତିହାସିକ କଟକ୍ ବାଲିଯାତ୍ରା ସମିଆକେ ଆଉ ଦିନେ ବଢ଼ାଯାଇଛେ । ଇତାକେ ନେଇକରି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ

ତର୍‌ଫୁ ସାମାଜିକ ଗଣମାଧ୍ୟମ୍ ଏକ୍ସଥି ଘୋଷ୍‌ନା କରାଯାଇଛେ । ଯାତ୍ରା ଦେଖିବାର୍ ଲାଗି ଲୁକ୍‌କର୍ ଉତ୍ସାହକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୧୫ ତାରିଖ୍ କାର୍ତିକ୍ ପୁନି ଦିନୁ ବାଲିଯାତ୍ରା ମୁଲ୍ ହେଇଛେ । ଇଟା ୮ ଦିନ୍ ଧରିକରି ଆଏବା ୨୨ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିଲା । ହେଲେ ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ ଉତ୍‌ରୁ ଯାତ୍ରା ୯ ଦିନ୍ ହେଇକରି ଆଏବା ଶନିବାର୍ ଦିନ ସର୍‌ବା ।

ସି.ଓ.ପି.ଡ଼ି. ଦିବସ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଫୁସ୍‌ଫୁସ୍ ରୋଗ-ସି.ଓ.ପି.ଡ଼ି. ଦିବସ୍ । ଧୁମ୍ରପାନନୁ ଦୂରେଇ ରହେବାର୍ ସହେତେ ବାୟୁ ପ୍ରଦୂଷଣ୍, କମାବାର୍‌କେ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଏସି । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ଯେ, ଧୁମ୍ରପାନନୁ ଦୂରେଇ ରହେବାର୍ ଆଉ ସୁସ୍ଥ ଜୀବନ୍‌ଶୈଲୀ ଅପ୍‌ନାଲେ ସି.ଓ.ପି.ଡ଼ି.କେ ରୁକାଯାଇପାର୍‌ବା ।

ରେଜିଷ୍ଟ୍ରାର, ସବ୍ ରେଜିଷ୍ଟ୍ରାର୍ କାର୍ଯ୍ୟାଳୟ- ସ୍ମାର୍ଟ ସର୍ଭିଲାନ୍ସ ବ୍ୟବସ୍ଥା

ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ମୋଟ୍ ୨ ଶହ ୧୩ ଟା ରେଜିଷ୍ଟ୍ରାର୍ ଆର୍ ସବ୍ ରେଜିଷ୍ଟ୍ରାର୍ କାର୍ଯ୍ୟାଳୟ ନ ସ୍ମାର୍ଟ ସର୍ଭିଲାନ୍ସ ବ୍ୟବସ୍ଥା କାର୍ଯ୍ୟକାରୀ ହେଇଛେ । ଆର୍ଟିଫିସିଆଲ୍ ଇଂଟଲିଜେନ୍ସ ଜରିଏ କାର୍ଯ୍ୟକାରୀ ହେଉଥିବା ଇ ବ୍ୟବସ୍ଥାକେ ଇନ୍ସପେକ୍ଟର୍ ଜେନେରାଲ୍ ଅଫ୍ ରେଜିଷ୍ଟ୍ରେସନ୍‌ଙ୍କର୍ କାର୍ଯ୍ୟାଳୟ ନୁ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଗଲାକାଏଲ୍ ଇ ବ୍ୟବସ୍ଥାକେ ଉଦ୍‌ଘାଟନ୍ କରିଛନ୍ । ସବ୍‌ରେଜିଷ୍ଟ୍ରାର୍‌ଙ୍କର୍ କାର୍ଯ୍ୟାଳୟ ନ ଜମି ଘିନାବିକା, ଆର୍ ଅଲ୍‌ଗା କାମ୍‌କେ ନେଇକରି ହେଉଥିବା ବିଶୃଙ୍ଖଳା ଉପ୍‌ରେ ନଜର୍ ରଖିବାର୍ ଲାଗି ଇ ବ୍ୟବସ୍ଥା କରାଯାଇଛେ ।

ରେଢ଼ାଖୋଲ୍-ଡାଇଲିସିସ୍ ସେବା କେନ୍ଦ୍ର  ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲପୁର୍ ଜିଲ୍ଲା ରେଢ଼ାଖୋଲ୍ ଉପଖଣ୍ଡ ଚିକିତ୍ସାଳୟ ନ ଗଲାକାଏଲ୍ ମାହାଲିଆ ଡାଏଲିସିସ୍ ସେବା କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଧର୍ମେନ୍ଦ୍ର ପ୍ରଧାନ୍ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ଗଣମାଧ୍ୟମ୍‌କେ ଶ୍ରୀ ପ୍ରଧାନ୍ କହିଛନ୍ ଯେ, ଆଗୋନୁ ଦେଶର୍ ଭିନ୍ ଭିନ୍ ରାଜ୍ୟର୍ ରାଜ୍‌ଧାନୀ ଆଉ ବଡ଼ ବଡ଼ ସହର୍ ନ ଡାଇଲିସିସ୍ ସେଂଟର୍‌ର ବ୍ୟବସ୍ଥା ଥିଲା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଲାଗି ଓଡ଼ିଶା ସହେତେ ସାରା ଦେଶେ ସର୍‌କାରୀ ବ୍ୟବସ୍ଥାଥି ଡାଇଲିସିସ୍ ସେଂଟର୍ ଖୁଲ୍‌ବାର୍ ସହେତେ ମାହାଲିଆ ଇ ଚିକିତ୍ସା ସେବା ଯୁଗେଇ ଦେବାର୍‌କେ ବ୍ୟବସ୍ଥା କରାଯାଉଛେ ।

ଦୁଗ୍ଧ ଶୀତଳିକରଣ୍ -ଦେବ୍‌ଗଡ଼୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ଧୋବଲିପଥର୍ ଠାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗୁଟେ ଦୁଗ୍ଧ ଶୀତଳିକରଣ୍ କେନ୍ଦ୍ରକେ ଗଲାକାଏଲ୍ ଉଦ୍‌ଘାଟନ୍ କରିଛନ୍ । ଇତାର୍‌ସହେତେ ଜିଲ୍ଲା ନ ପାଖାପାଖି ୪୩ କୋଟି ୫ ଲାଖ୍ ଟଙ୍କାର୍ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଶିଳାନ୍ୟାସ୍ କରିଥିଲେ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଗୋସେବା କର୍‌ବାର୍ ସହେତେ ମା ଲାଗି ଗଛଟିଏ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇକରି ଗଛ୍ ଲଗେଇଥିଲେ ।

## ନିଖିଲ୍ ଭାରତ୍ ସମବାୟ ହପ୍ତା        କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଟାଉନ୍ ହଲ୍ ଠାନେ ୭୧ ନମ୍ବର୍ ନିଖିଲ୍ ଭାରତ୍ ସମବାୟ ହପ୍ତା ଗଲାକାଏଲ୍ ପାଲିତ୍ ହେଇଯାଇଛେ । ଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଭବାନୀପାଟ୍ନା କେନ୍ଦ୍ର ସମବାୟ ବେଙ୍କ୍‌ର ସଭାପତି ଗିରିଶ୍ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ଧର୍ମଗଡ଼୍ ବିଧାୟକ୍ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ଜୁନାଗଡ଼୍ ବିଧାୟକ୍ ଦିବ୍ୟଶଙ୍କର୍ ମିଶ୍ର ଆଉ ଅଲ୍‌ଗା ଲୋକପ୍ରତିନିଧି, ସର୍‌କାରୀ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ବିଦ୍ୟାଲୟ ଆଉ ମହାବିଦ୍ୟାଲୟ ମାନ୍‌କେ ହେଇଥିବା ପ୍ରବନ୍ଧ ଆର୍ ବକ୍ତୃତା ପ୍ରତିଯୋଗିତାର୍ କୃତି ପ୍ରତିଯୋଗୀମାନ୍‌କୁ ପୁରସ୍କୃତ୍ କରାଯାଇଛେ ।

## ଭାରତ-ଇଂଲଣ୍ଡ ମେଚ୍- ପ୍ରସ୍ତୁତି ବୈଠକ୍  ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତ୍ ଆଉ ଇଂଲଣ୍ଡ୍ ଭିତ୍‌ରେ ଦିନ୍‌କିଆ କ୍ରିକେଟ୍ ମେଚ୍ କଟକ୍ ବାରବାଟି ଷ୍ଟାଡ଼ିୟମ୍ ନ ଆଏବା ଫେବୃଆରୀ ୯ ତାରିଖ୍ ଦିନ

ଖେଲାଯିବା । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ତୟାରି ବୈଠକ୍ ହେଇଯାଇଛେ । ଇ ମେଚ୍‌ର ଟିକେଟ୍‌ର ଦାମ୍ ଶହେ ନୁ ହଜାରେ ଟଙ୍କାତକ୍ କମ୍‌ବାର୍‌କେ ବୈଠକ୍‌ଥି ଆଲୋଚନା ହେଇଛେ ।

ମହାରାଷ୍ଟ୍ର- ଭୋଟ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ମହାରାଷ୍ଟ୍ରର୍ ସବୁ ୨ ଶହ ୮୮ ଟା ବିଧାନ୍‌ସଭା ଆସନ୍ ଲାଗି ଆଏଜ୍ ଭୋଟ୍ ହେଉଛେ । ଆଉ କିଛିସମିଆ ଉତ୍‌ରୁ ମତଦାନ୍ ମୁଲ୍ ହେଇକରି ସଞ୍ଜର୍ ୬ ବଜେ ଚାଲ୍‌ବା ବଲି ସୂଚ୍‌ନା ମିଳିଛେ । ମହାରାଷ୍ଟ୍ର ନ ଇଥର ୯ କୋଟି ୭୦ ଲାଖ୍ ଭୋଟର୍ ଭୋଟ୍ ଦେବେ । ଇମାନ୍‌କର୍ ଭିତ୍‌ରେ ୫ କୋଟି ପୁରୁଷ, ୪ କୋଟି ୬୯ ଲାଖ୍ ମହିଳା ଭୋଟର୍ ଆର୍ ୬ ହଜାର୍ ତୃତୀୟ ଲିଙ୍ଗ ଭୋଟର୍ ଅଛନ୍ ।

ୟୁକ୍ତ ଦୁଇ ଫର୍ମ ପୂରଣ୍ ସମିଆ ବଢ଼୍‌ଲା    ଆର୍‌ଏନ୍‌ୟୁ /ସମ୍ବଲପୁର

ଯୁକ୍ତ ଦୁଇ ପରୀକ୍ଷା ଫର୍ମ ପୂରଣ୍ ସମିଆ ବଢ଼ାଯାଇଥିବାର୍ ବାବ୍‌ଦେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ସୂଚ୍‌ନା ମିଲିଛେ । ସୂଚ୍‌ନା ଅନ୍‌ସାରେ ଯେନ୍ ଛାତ୍ରଛାତ୍ରୀମାନେ ପରୀକ୍ଷା ଲାଗି ଫର୍ମ ପୂରଣ୍ ନାଇଁ କରିପାରି ସେମାନେ ୬ ଶହ ଟଙ୍କା ଜରିମାନା ଦେଇକରି ଆଏଜ୍‌ଠାନୁ ୨୫ ତାରିଖ୍ ଭିତ୍‌ରେ ଫର୍ମ ପୂରଣ୍ କରିପାର୍‌ବେ । ରେଗୁଲାର୍ ଆର୍ ଏକ୍ସରେଗୁଲାର୍ ଛାତ୍ରଛାତ୍ରୀଙ୍କର୍ ଲାଗି ଇ ନିୟମ୍ ଲାଗୁ ହେବା ।